05th Dec, 2020

## ଆଇଆଇଟିର ନବମ ସମାବର୍ତ୍ତନ ଉତ୍ସବ

# ଜ୍ଞାନର ମହାଶକ୍ତି ହେବ ଭାରତ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଜଟଣୀ,୪।୧୨(ନି.ପ୍ର): ନୂତନ ଶିକ୍ଷାନୀତି ପ୍ରଚଳନ ଫଳରେ ଭାରତବର୍ଷ ଜ୍ଞାନର ମହାଶକ୍ତି ହେବ ବୋଲି ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ସ୍ଥାୟୀ କ୍ୟାମ୍ପସ୍ ପରିସରରେ ୪ ତାରିଖ ପୂର୍ବାହ୍ନରେ ଆୟୋଜିତ ଆଇଆଇଟିର ନବମ ସମାବର୍ତ୍ତନ ଉତ୍ସବର ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ଼.ରମେଶ ପୋଖରିଆଲ 'ନିଶଙ୍କ' କହିଛନ୍ତି।

ଭିଡ଼ିଓ କନଫେରେନ୍ସିଂ ଜରିଆରେ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେଇ ସେ କହିଲେ, ସମସ୍ତଙ୍କ ସହ ପରାମର୍ଶ କରାଯାଇ ନୂତନ ଶିକ୍ଷା ନୀତି ପ୍ରଚଳନ କରାଯିବ। ଶିକ୍ଷାଦାନ କ୍ଷେତ୍ରରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯିବ। ଦେଶରେ ୪୫ ହଜାର ମହାବିଦ୍ୟାଳୟ,୧୫ ଲକ୍ଷ ସ୍କୁଲ ଏବଂ ୧ କୋଟି ଶିକ୍ଷା କର୍ମଚାରୀ ଉପକୃତ ହେବେ। ନୂତନ ଶିକ୍ଷା ନୀତି ପ୍ରଚଳନ ଫଳରେ ଆଗାମୀ ୨୫/୩୦ ବର୍ଷ ମଧ୍ୟରେ ଭାରତ ସାରା ବିଶ୍ୱକୁ ଶିକ୍ଷା କ୍ଷେତ୍ରରେ ମାର୍ଗ ଦର୍ଶନ କରିବ। ଆଇଆଇଟିରେ ଶିକ୍ଷା ଲାଭ କରି ଡ଼ିଗ୍ରୀ ହାସଲ କରିଥିବା ଆଇଆଇଟିଆନଙ୍କୁ ସେ କହିଲେ,ଦେଶ ସାମ୍ନା କରୁଥିବା ସଙ୍କଟର ମୁକାବିଲା କରିବା ଆଇଆଇଟିଆନ୍ ଯତ୍ନବାନ ହେବା ଆବଶ୍ୟକ। ଆଇଆଇଟି ପରିସରରେ ଭର୍ଚୁଆଲ ଜରିଆରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏକ ଷ୍ଟୁଡ଼େଣ୍ଟ ଆକ୍ଟିଭିଟି ସେଣ୍ଟର,୪୨ ଏକର ଜମିରେ ଖେଳକୁଦ କରିବା ନିମନ୍ତେ ଏକ ଖେଳ ପଡ଼ିଆ ଏବଂ ସ୍କୁଲ ଅଫ୍ ହ୍ୟୁମାନିଟିଜ୍ ଓ ସ୍କୁଲ ଅଫ୍ ସୋସିଆଲ ସାଇନ୍ସ ଓ ମ୍ୟାନେଜମେଣ୍ଟର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଜଟଣୀ ଆଇଆଇଟି ପରିସରରେ ୩୫ ହଜାର ଚାରା ରୋପଣ କରାଯାଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହାର ଭୂୟସୀ ପ୍ରଶଂସା





କରିଥିଲେ। ଭାରତ ସରକାରଙ୍କ ରାଜ୍ୟ ପ୍ୟାହା ଶିକ୍ଷାମନ୍ତ୍ରୀ ସଞ୍ଜୟ ଧୋତ୍ରେ ଆଇଆଇଟିରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ସେମାନେ ଅର୍ଜନ କରିଥିବା ଶିକ୍ଷାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ଆଇଆଇଟି ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଡ଼.ରାଜେନ୍ଦ୍ର ପ୍ରସାଦ ସିଂହ ଦେଶ ଦୁନିଆକୁ ନୂଆ ରାସ୍ତା ଦେଖାଇବା ପାଇଁ ସେ ଆଇଆଇଟିଆନ୍‌ଙ୍କୁ ପରାମର୍ଶ ଦେଇଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜ କୁମାର ବିବରଣୀ ପାଠ କରିଥିଲେ। ଆଇଆଇଟିରେ ପାସ୍ କରିଥିବା ୪୪୬ ଜଣ କୃତି ଛାତ୍ର ଛାତ୍ରୀଙ୍କୁ ସେ ଡ଼ିଗ୍ରୀ ପ୍ରଦାନ କରିଥିଲେ। କିଛି ଛାତ୍ରଛାତ୍ରୀ ବ୍ୟକ୍ତିଗତ ଭାବେ ଆସି ଡ଼ିଗ୍ରୀ ଗ୍ରହଣ କରିଥିବାବେଳେ ଅନ୍ୟମାନଙ୍କୁ ଅନ୍‌ଲାଇନରେ ଡ଼ିଗ୍ରୀ ପ୍ରଦାନ କରାଯାଇଥିଲା।

କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ବି.ଟେକ ଛାତ୍ର ଆଦିତ୍ୟ ପାଲଙ୍କୁ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣପଦକ,ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚର ବିଭାଗର ଶଶାଙ୍କ ଦେ ଚୌଧୁରୀଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣପଦକ,ଫିଜକ୍ସ ସ୍କୁଲ ଅଫ୍ ବେସିକ ସାଇନ୍ସର ଏମ.ଏସସି ଛାତ୍ର ସୌଭିକ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣପଦକ,ବି.ଟେକର ଆଦିତ୍ୟ ପାଲ, ଅରବିନ୍ଦ ଟି.କେ.ଆର, ଅଭିଷେକ ମିଶ୍ର,ଅମନ ସିଂହାଲ, ମନପୁରମ ଜ୍ୟୋତି ଭେଙ୍କଟ ସାଇ ଆଦିତ୍ୟ, ଶୁଭଜିତ୍ ମଣ୍ଡଳଙ୍କୁ ଇନଷ୍ଟିଚ୍ୟୁଟ ରୌପ୍ୟ ପଦକ, ଏମ.ଟେକର ଶଶାଙ୍କ ଦେ ଚୌଧୁରୀ, ଡ଼ି.ଏ.ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖଡ଼କେ ଲୀନା ସଞ୍ଜୟ ଏବଂ ଦେବଜିତ ରାଣାଙ୍କୁ ଇନଷ୍ଟିଚ୍ୟୁଟ ରୌପ୍ୟ ପଦକ ପ୍ରଦାନ ଏବଂ ଉତ୍ତମ ପ୍ରଦର୍ଶନ ନିମନ୍ତେ ସୌଭିକ ଚକ୍ରବର୍ତ୍ତୀ,ଏ.ଏସ.ଜେମସ୍, ଦେବବ୍ରତ ମଣ୍ଡଳ,ସୁଦେଷ୍ଣା ଗୋସ୍ୱାମୀ,ଅର୍କପ୍ରଭା ରାୟଙ୍କୁ ଇନଷ୍ଟିଚ୍ୟୁଟ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଡ଼.ପ୍ରଭାତ ରଞ୍ଜନ ସାହୁ, ପ୍ରଫେସର ଡ଼.ରବୀନ୍ଦ୍ର କୁମାର ପଣ୍ଡା ଏବଂ ଆଇଆଇଟିର କୁଳସଚିବ କର୍ଣ୍ଣେଲ ଡ଼.ସୁବୋଧ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଆଇଆଇଟିର ଯୁଗ୍ମ କୁଳ ସଚିବ ଦେବରାଜ ରଥ ଏବଂ ପିଆରଓ ଶ୍ରୀ ସାଲିନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।